# Chapter- 15

# ଓଡିଶାର ସଂସ୍କୃତି

**STUDY NOTES**

## MIND MAP



**ଓଡ଼ିଶାର ଭାଷା ଓ ସାହିତ୍ୟ ଏହାର ସଂସ୍କୃତିର ଅମୂଲ୍ୟ ସମ୍ପଦ କିପରି ?**

ଓଡ଼ିଶାର ଭାଷା ଓ ସାହିତ୍ୟ ଏହାର ଜାତୀୟ ଜୀବନକୁ ପ୍ରାଣବନ୍ତ କରିଛି । ପୃଥିବୀର ଉନ୍ନତ ଭାଷାମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଅନ୍ୟତମ । ଏହାର ନିଜସ୍ୱ ଲିପି ଅଛି । ଏହି ଭାଷାରେ ରଚିତ 'ମହାଭାରତ', 'ରାମାୟଣ', 'ଭାଗବତ' ପରି ବହୁ ପୁରାଣ ଓ କାବ୍ୟ କବିତା ଏହାର ସଂସ୍କୃତିକୁ ଗରିମାମଣ୍ଡିତ କରିଛି । ଓଡ଼ିଶାର ପୁରପଲ୍ଲୀର ଲୋକେ ଏସବୁକୁ ଶ୍ରଦ୍ଧା ଓ ଭକ୍ତି ସହକାରେ ପାଠ କରିଥା'ନ୍ତି । ଓଡ଼ିଆ ଭାଷାରେ ଅନେକ ଢଗଢମାଳି ଓ ଲୋକଗଳ୍ପ ମଧ୍ୟ ପ୍ରଚଳିତ ଅଛି । ଏସବୁ ଓଡ଼ିଆ ସଂସ୍କୃତିକୁ ସମୃଦ୍ଧ କରୁଥିବାରୁ ଏସବୁକୁ ଓଡ଼ିଆ ସଂସ୍କୃତିର ଅମୂଲ୍ୟ ସମ୍ପଦ ଭାବେ ବିବେଚନା କରାଯାଏ ।

**ଜ୍ଞାନ ବିଜ୍ଞାନର ପ୍ରସାର ଫଳରେ ଓଡ଼ିଆ ସଂସ୍କୃତିର କି ପରିବର୍ତ୍ତନ ଘଟିଛି ?**

ଜ୍ଞାନ ବିଜ୍ଞାନର ପ୍ରସାର ଫଳରେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନରେ ଏବେ ନାନା ପରିବର୍ତ୍ତନ ସଂଘଟିତ ହୋଇଛି । ପୂର୍ବରୁ ପାଳିତ ହେଉଥିବା କେତେକ ପର୍ବପର୍ବାଣି ଏବେ ଲୋପ ପାଇଗଲାଣି । ଏଗୁଡ଼ିକ ସ୍ଥାନରେ ଅନେକ ନୂତନ ପର୍ବପର୍ବାଣି ସୃଷ୍ଟି ହୋଇଛି । ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଶିଳ୍ପ, ଚିତ୍ରକଳା ଓ ସାମାଜିକ ରୀତିନୀତିରେ ବହୁ ପରିବର୍ତ୍ତନ ଦେଖାଯାଉଛି । ମାତ୍ର ଆମେ ଆମ ପ୍ରାଚୀନ ସଂସ୍କୃତିକୁ ସମ୍ପୂର୍ଣ୍ଣ ଭୁଲିଯିବା ଅନୁଚିତ । ଏହି ପରିବର୍ତ୍ତନର ପ୍ରବାହରେ ଆପଣାର ମୌଳିକତାକୁ ବଜାୟ ରଖି ବିକାଶ ପଥରେ ଅଗ୍ରସର ହେବା ଆମର ଲକ୍ଷ୍ୟ ହେବା ଉଚିତ ।

**'ଓଡ଼ିଶାର ସଂସ୍କୃତି' ପ୍ରବନ୍ଧଟି ଆମକୁ କି ଶିକ୍ଷା ଦିଏ ?**

*'ଓଡ଼ିଶାର ସଂସ୍କୃତି'* ପ୍ରବନ୍ଧଟି ଆମର ଗୌରବମୟ ସଂସ୍କୃତି ଓ ପରମ୍ପରାର ଭାବଧାରା ବହନ କରିଛି । ବର୍ତ୍ତମାନ ଜ୍ଞାନ ବିଜ୍ଞାନର ପ୍ରସାର ଫଳରେ ମାନବଜାତି କୁପଥଗାମୀ ହେଉଛି । ତା'ର ସାମାଜିକ ଓ ସାଂସ୍କୃତିକ ଜୀବନରେ ନାନା ପରିବର୍ତ୍ତନ ଘଟୁଛି । କିନ୍ତୁ ଯାହାହେଉ ପଛକେ ଆମେ ଆମର ସଂସ୍କୃତି ଓ ପରମ୍ପରାରୁ କେବେ ବିଚ୍ଛିନ୍ନ ହେବା ନାହିଁ । ଏପରି କଲେ ନିଜର ସମ୍ମାନହାନି ଘଟିବା ସଙ୍ଗେ ସଙ୍ଗେ ଓଡ଼ିଶା ତା'ର ପୂର୍ବ ଗୌରବ ହରାଇ ବସିବ । ତେଣୁ ଆମେ ଓଡ଼ିଶାବାସୀ ଆପଣାର ମୌଳିକତାକୁ ବଜାୟ ରଖି ବିକାଶ ପଥରେ ଅଗ୍ରସର ହେବା ଉଚିତ । ଆମ୍ଭେମାନେ ଉକ୍ତ ପ୍ରବନ୍ଧଟିରୁ ଏହି ଶିକ୍ଷା ଲାଭକରୁ ।